## ଅପରାଜିତା ମାରିଲେ ପ୍ରଶ୍ନବାଣ

# 'ପ୍ରବାସୀ ଶ୍ରମିକଙ୍କ ପାଇଁ କ'ଣ କରିଛନ୍ତି ରାଜ୍ୟ ସରକାର'



ଭୁବନେଶ୍ୱର,୧୮/ଏନ୍ଏନ୍ଏସ୍: ପ୍ରବାସୀ ଶ୍ରମିକଙ୍କ ସମସ୍ୟାକୁ ନେଇ ଶନିବାର ସରକାରଙ୍କୁ ପ୍ରଶ୍ନବାଣ ମାରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଜାତୀୟସ୍ତରରେ ଲକ୍‌ଡାଉନ ପରେ ରାଜ୍ୟକୁ ପ୍ରାୟ ୯ ଲକ୍ଷ ପ୍ରବାସୀ ଓଡ଼ିଆ ଶ୍ରମିକ ଫେରିଥିଲେ । ମାତ୍ର ଏଠାରେ କର୍ମନିଯୁକ୍ତିର ଅଭାବ ଯୋଗୁଁ ସେମାନେ ବାଧ ହୋଇ ପୁଣି ରାଜ୍ୟ ବାହାରକୁ ବାହୁଡ଼ିଲେଣି । ଦୀର୍ଘ ୨୦ ବର୍ଷ ଧରି କ୍ଷମତାରେ ଥିବା ରାଜ୍ୟ ସରକାର ସେମାନଙ୍କ ପାଇଁ କ'ଣ କରିଛନ୍ତି ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି । ଏପରିକି ପଡ଼ୋଶୀ ମଧ୍ୟପ୍ରଦେଶ ଓ ଛତିଶଗଡ଼ ପ୍ରବାସୀ ଶ୍ରମିକଙ୍କ ପାଇଁ ବହୁ ପଦକ୍ଷେପ ନେଇଥିବା ବେଳେ ଆମ ରାଜ୍ୟ ସରକାର କେବଳ ନିରବଦ୍ରଷ୍ଟା ପାଲଟିଛନ୍ତି ବୋଲି ଅପରାଜିତା କହିଛନ୍ତି ।

ନିଜ ଅଭିଯୋଗରେ ସେ କହିଲେ ଯେ ମୁଖ୍ୟତଃ ଦାରିଦ୍ର୍ୟ ଓ କର୍ମନିଯୁକ୍ତିର ଅଭାବ ପାଇଁ ରାଜ୍ୟର ଭାଇ ଭଉଣୀମାନେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି । ଔଦ୍ୟୋଗୀକରଣ ଦିଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ମାତ୍ରାରେ ବିଫଳ ହୋଇଛନ୍ତି । ରାଜ୍ୟରେ ବୃହତ୍ ଫାର୍ମା ଇଣ୍ଡଷ୍ଟ୍ରୀ, ଲେଦର, ବାୟୋଟେକ କ୍ଲଷ୍ଟର ନାହିଁ । ଅନ୍ୟପଟେ ଅନ୍ୟରାଜ୍ୟର ବଡ଼ ବଡ଼ କାରଖାନାଗୁଡ଼ିକରେ ଅଟୋ କମ୍ପୋନେଣ୍ଟ, କାଷ୍ଟିଂ, କାର୍ବନ ଗ୍ରେଡ୍ ଷ୍ଟିଲ୍ ତିଆରି ହେଉଥିବା ବେଳେ ଓଡ଼ିଶା ସେମାନଙ୍କୁ କଞ୍ଚାମାଲ ଯୋଗାଉଛି । ଆମ ରାଜ୍ୟରେ ଭ୍ୟାଲ୍ୟୁ ଆଡିସନ ଯଦି ସଠିକ ଭାବେ ହେଉଥାନ୍ତା ତାହେଲେ ରାଜ୍ୟର ଯୁବକ ଯୁବତୀମାନେ ଅନ୍ୟରାଜ୍ୟକୁ ଯିବାକୁ ପଡ଼ନ୍ତା ନାହିଁ ବୋଲି ସେ କହିଛନ୍ତି । ରାଜ୍ୟକୁ ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରବାସୀ ଫେରିବା ପରେ କେନ୍ଦ୍ର ସରକାର ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ ଶ୍ରମିକଙ୍କ ଦକ୍ଷତା ନିରୂପଣ କରାଯାଇପାରିଲା ନାହିଁ । ଆଖପାଖ ରାଜ୍ୟ ଯେପରିକି ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କିନ୍ତୁ ଶ୍ରମିକଙ୍କ କର୍ମନିଯୁକ୍ତି ପାଇଁ ସେଠାକାର ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଶେଷକରି ମଧ୍ୟପ୍ରଦେଶରେ ସେଠାକାର ସରକାର ରୋଜଗାର ସେତୁ ନାମକ ଏକ ଆପ୍ ତିଆରି କରି ଶ୍ରମିକଙ୍କୁ ରୋଜଗାର ପ୍ରଦାନ କରିବାରେ ସଫଳ ହୋଇଛନ୍ତି । ଏହି ଆପ୍‌ରେ ମଧ୍ୟପ୍ରଦେଶକୁ ଗତ ମାର୍ଚ୍ଚ ୧ ତାରିଖରୁ ଜୁନ୍ ମାସ ଶେଷ ସୁଦ୍ଧା ଫେରିଥିବା ଶ୍ରମିକମାନଙ୍କ ପଞ୍ଜୀକରଣ କରାଯିବା ସହ ସେମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଥିଲା । ନିଯୁକ୍ତିଦାତାମାନେ ଆପ୍‌ରୁ ଶ୍ରମିକମାନଙ୍କୁ ଚୟନ କରି ସେମାନଙ୍କୁ କାମ ଦେଇ ପାରିଛନ୍ତି । ଛତିଶଗଡ଼ରେ ଜିଲ୍ଲାସ୍ତରରେ ୩୨ଟି କାଉନସେଲିଂ ସେଣ୍ଟର ପ୍ରତିଷ୍ଠା କରାଯାଇଥିବା ବେଳେ ବ୍ଲକସ୍ତରରେ ଶ୍ରମିକଙ୍କ ସମସ୍ୟା ବୁଝିବା ପାଇଁ ୩୮୯ଟି ସେଣ୍ଟର ପ୍ରତିଷ୍ଠା ହୋଇଛି । ଏପରି ସମୟରେ ଓଡ଼ିଶାରେ ସରକାର ଶ୍ରମିକଙ୍କ ପାଇଁ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ମନରେଗାରେ ଗ୍ରାମାଞ୍ଚଳର ଶ୍ରମିକଙ୍କ ପାଇଁ ମୋଦୀ ସରକାର ୨୨୫୭ କୋଟି ଟଙ୍କା ପ୍ରଦାନ କରିଥିଲେ । ଏହାକୁ ଭଲଭାବେ ବିନିଯୋଗ କରାଯାଇଥିଲେ ଶ୍ରମିକମାନେ ଆଉ ବାହାର ରାଜ୍ୟକୁ ଯାଇନଥାନ୍ତେ । ମାତ୍ର ତାହା କରାଯାଇପାରିଲା ନାହିଁ । ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଦେଶବ୍ୟାପୀ ୧୧୬ ଜିଲ୍ଲାକୁ ଚୟନ କରାଯାଇଥିବା ବେଳେ ଓଡ଼ିଶାର ୪ ଜିଲ୍ଲା ସ୍ଥାନ ପାଇଥିଲା । କେନ୍ଦ୍ର ସରକାର ଏହି ଜିଲ୍ଲାମାନଙ୍କ ପାଇଁ ୫୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ଓଡ଼ିଶାର ପ୍ରଦର୍ଶନ ଏଠାରେ ମଧ୍ୟ ନୈରାଶ୍ୟଜନକ ବୋଲି ସେ ଅଭିଯୋଗ କରିଛନ୍ତି ।